بسم الله الرحمن الرحيم

# ୩ ସେପ୍ଟେମ୍ବର ୨୦୨୧ ଖୁତବା ଜୁମାର ସାରାଂଶ
## ସ୍ଥାନ – ମସଜିଦ ମୁବାରକ୍ ଇସଲାମାବାଦ୍, ଲଣ୍ଡନ

‘ଗୋଟିଏ ହିରା ଥିଲା ଯେ ଆମ ଗହଣରୁ ଚାଲିଗଲା’ ଶ୍ରୀ ସୟଦ ତାଲେି ଅହମଦ ଶହିଦ୍‌ଙ୍କ ଜାଜ୍ୱଲ୍ୟମାନ ଚରିତ୍ରର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମା ବାଦ୍‌ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର[ଅ.ବ] କହିଲେ ବିଗତ ଦିନରେ ଆମର ଜଣେ ଅତି ପ୍ରିୟ ଯୁବକ ଓ ଉତ୍ସର୍ଗୀ ଶ୍ରୀ ସୟଦ ତାଲେି ଅହମଦ ପିତା ଶ୍ରୀମାନ ସୟଦ ହାଶିମ୍ ଅକବରଙ୍କର ଘାନା ଦେଶରେ ଶାହାଦତ୍ ହୋଇଗଲା । **ଇନ୍ନା ଲିଲ୍ଲାହି ଓ୍ୱ ଇନ୍ନା ଇଲୈହି ରାଜେଉନ୍** । ଅଗଷ୍ଟ ୨୩/୨୪ ତାରିଖର ମଧ୍ୟରାତ୍ରରେ ଆମ M.T.A ବିଭାଗର ତିନି ଜଣ ସଦସ୍ୟ ଘାନାର ଉତରାଂଚଳରେ ରେକଡ଼ିଙ୍ଗ୍ କରି କମାସୀ (ଜମାଅତ) ଆସୁଥିଲେ, ଯେ ରାସ୍ତାରେ ପାଖାପାଖି ୭.୧୫ଘଟିକା ସମୟରେ ଡ଼କାୟତ୍‌ମାନଙ୍କ ଗୁଳିରେ ପ୍ରିୟ ତାଲେି ଅହମଦ ଓ ଉମର ଫାରୁକ୍ ସାହେବ ଆହତ ହେଲେ ।

ସୟଦ ତାଲେି ଅହମଦ ଶ୍ରୀମତି ଅମତୁଲ୍ ଲତିଫ୍ ବେଗମ୍ ସାହେବାଃ ଓ ସୟଦ ମିର୍ ମୁହମ୍ମଦ ଅହମଦ ସାହେବଙ୍କ ନାତି ହଜରତ ମିର୍ଜା ବଶିର ଅହମଦ ସାହେବ [ର.ଅ]ଙ୍କର ପଣନାତି (ନାତୁଣୀର ପୁଅ) ଥିଲେ ତଥା ହଜରତ ଡ଼ାଃ ମିର୍ ମୁହମ୍ମଦ ଇସମାଇଲ୍ ସାହେବ [ର.ଅ]ଙ୍କର ପଣନାତି (ନାତିର ପୁଅ) ଥିଲେ । ହଜରତ ଡ଼ାଃ ମିର୍ ମୁହମ୍ମଦ ଇସମାଇଲ୍ ସାହେବ ହଜରତ ଅମ୍ମାଜାନ୍ [ର.ଅ]ଙ୍କର ସାନ ଭାଇ ଥିଲେ । ଏହି ଦୃଷ୍ଟିରୁ ତାଙ୍କ ସମ୍ପର୍କ ହଜରତ ଅମ୍ମାଜାନ୍ [ର.ଅ]ଙ୍କ ସହିତ ମିଶୁଅଛି । ପୁନଶ୍ଚ ହଜରତ ମିର୍ଜା ବଶିର ଅହମଦ ସାହେବ [ର.ଅ]ଙ୍କ ମାଧ୍ୟମରେ ତାଙ୍କ ସମ୍ପର୍କ ହଜରତ ମସିହ ମଉଦ [ଅ.ସ]ଙ୍କ ସହିତ ଯାଇ ମିଶୁଅଛି । ମୃତକ ମିର୍ଜା ଗୁଲାମ କାଦିର୍ ସାହେବ ଶହିଦ୍‌ଙ୍କର ଜ୍ୱାଇଁ ଥିଲେ । ପ୍ରଭୁଙ୍କ କୃପାରୁ ସେ ଜଣେ ମୁସୀ ଓ ଓ୍ୱକଫେ ନୌ’ ବିଭାଗରେ ସାମିଲ ଥିଲେ ।

ସେ ବାୟୋ ମେଡ଼ିକାଲ୍ ସାଇନ୍‌ସ୍‌ରେ Ph.D (ସ୍ନାତକତ୍ୱ ହାସଲ) କରିଥିଲେ । ସେଥିଅନ୍ତେ Journalismରେ ମାଷ୍ଟର୍ କରିଥିଲେ । ୨୦୧୩ ମସିହାରେ ଜୀବନ ଉତ୍ସର୍ଗ କରି (ଜମାଅତର) ବିଭିନ୍ନ କାର୍ଯ୍ୟାଳୟରେ ସେବା ସମ୍ପାଦନ କରିବା ପରେ ୨୦୧୬ମସିହାରେ M.T.A ନିଉଜ୍ ବିଭାଗରେ ଅସ୍ଥାୟୀ ରୂପେ ନିଯୁକ୍ତି ପାଇଥିଲେ । ଯେଉଁ ଠାରେ ସେ ଡ଼କୁମେଣ୍ଟାରୀ ଫିଲ୍ମ ପ୍ରସ୍ତୁତ କରୁଥିଲେ ଏବଂ ସାପ୍ତାହିକ କାର୍ଯ୍ୟକ୍ରମ (This Week With Huzur)ର ସେ ଶୁଭାରମ୍ଭ କରିଥିଲେ । ନିଜ ସ୍ଥାନୀୟ ଜମାଅତ ଓ ଖୁଦାମୁଲ୍ ଅହମଦିୟା ଅନ୍ତର୍ଗତ ଅନେକ ସେବା ସମ୍ପାଦନ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ ।

ପ୍ରିୟ ତାଲେି ଅହମଦ ଅତି ସୁନ୍ଦର ଭାବରେ ନିଜ କାର୍ଯ୍ୟ ସମ୍ପାଦନ କରିବାର ଶୈଳୀ ଜାଣିଥିଲେ । ଯେଉଁଥି ପାଇଁ ସେ କୌଣସି ପ୍ରକାରର ବିପଦର ମଧ୍ୟ ପରଓ୍ୱା କରୁ ନଥିଲେ । ତାଙ୍କ ଶାହାଦତ୍‌ର ଘଟଣାରୁ ମଧ୍ୟ ଏହା ପ୍ରମାଣିତ ହେଉଛି । ଟମାଲେ’ର ଜୋନଲ୍ ମିଶନାରୀ ଇନଚ୍ଚାର୍ଜଙ୍କ କହିବାନୁଯାୟୀ ତାଙ୍କୁ ରାତିରେ ଯାତ୍ରା ନକରିବାକୁ ପରାମର୍ଶ

ଦିଆଯାଇଥିଲା । କିନ୍ତୁ ସମୟାଭାବ ଓ କାର୍ଯ୍ୟଭାର ଅଧିକ ଥିବା ଯୋଗୁଁ ଯାତ୍ରା କରିବାକୁ ବାଧ୍ୟ ହୋଇଥିଲେ । ଜମାଅତର ସମ୍ପତି ଓ ସମୟର ମୂଲ୍ୟକୁ ସେ ମର୍ମେମର୍ମେ ବୁଝୁଥିଲେ । ଯେଉଁଥି ପାଇଁ ସେ ରାସ୍ତାରେ ଯାତ୍ରା ସମୟରେ ମଧ୍ୟ ନିଜ କାର୍ଯ୍ୟ ଲାପଟପ୍‌ରେ କରୁଥିଲେ, ଯେ ମପାହା ରିଜିୟନ୍ ନିକଟରେ ଡ଼କାୟତ୍‌ମାନେ ତାଙ୍କ ଗାଡ଼ି ଉପରକୁ ଗୁଳି ଚାଳନା କରିଦେଲେ । ତାଙ୍କ ଅଣ୍ଟାରେ ଗୋଟିଏ ଗୁଳି ବାଜିଥିଲା ଯଦ୍ୱାରା ବହୁତ ରକ୍ତ ସ୍ରାବ ହେଲା । ସର୍ବପ୍ରଥମେ ପଲି କ୍ଲିନିକ୍‌ରେ ତାଙ୍କର ଚିକିତ୍ସା ହୋଇଥିଲା । ସେଥିଅନ୍ତେ ଟମାଲେ ଟିଚିଙ୍ଗ୍ ଚିକିତ୍ସାଳୟ ଯିବା ମାର୍ଗରେ ହିଁ ପାଖାପାଖି ସାଢ଼େ ଚାରି ଘଣ୍ଟା ପରେ ତାଙ୍କର ଦେହାନ୍ତ ହୋଇଥିଲା ।

ଉମର ଫାରୁକ୍ ସାହେବ କୁହନ୍ତି; ତାଲୌ'ର ମୁଣ୍ଡ ମୋ ଜଙ୍ଘ ଉପରେ ଥିଲା ଏବଂ ସେ ମୋତେ ବାରମ୍ବାର ଏହି କଥା ପଚାରୁଥିଲେ ଯେ କ'ଣ ଆମର ଏହି ଦୁର୍ଘଟଣା ସମ୍ପର୍କରେ ଖବର ହଜୁର ଅନଓ୍ୱର ଅ.ବଙ୍କୁ ସୂଚିତ କରିଦେଲଣି । ଏବଳି ମାତ୍ରାରେ ରକ୍ତ ସ୍ରାବ ଓ ଅସମ୍ଭାଳ ପୀଡ଼ା ସତ୍ୱେ ଚିକିତ୍ସାଳୟ ଯିବା ମାର୍ଗରେ ମଧ୍ୟ ସେ ନିଜ ସାଥିମାନଙ୍କୁ କହିଲେ ଯେ ମୁଁ ଗୁଳି ଚାଳନା ସମୟରେ ଲାପଟପ୍ ଓ ଅନ୍ୟାନ୍ୟ ଦାମି ସାମଗ୍ରୀ ଗାଡ଼ିର ପଛ ସିଟ ତଳକୁ ଠେଲି ଦେଇଛି । ସେଠାରେ ସେସବୁ ସୁରକ୍ଷିତ ଅଛି ଆପଣ ସେଗୁଡ଼ିକୁ ସେଠାରୁ କାଢିନେବେ । ଏପରି ଭୀଷଣ ରୂପେ ଆଘାତ ହେବା ସତ୍ୱେ ତାଙ୍କର ଜମାଅତର ସମ୍ପତି ଓ ଇତିହାସ ସୁରକ୍ଷିତ କରିବାର ଚିନ୍ତା ରହିଥିଲା । ଉମର ଫାରୁକ୍ ସାହେବ କୁହନ୍ତି ସେ ରାସ୍ତାରେ ବାରମ୍ବାର କହୁଥିଲେ । Tell Huzur that I love him and tell my family that I Love them.

ହଜୁର ଅନଓ୍ୱରଅ.ବ କହିଲେ; ଗୋଟିଏ ହିରା ଥିଲା ଯେ ଆମାକୁ ଛାଡ଼ି ଚାଲିଗଲା । ଅଲ୍ଲାଃତାଲା ଜମାଅତକୁ ଏଭଳି ଅନେକ ଖିଲାଫତ୍‌ର ବିଶ୍ୱସ୍ତ ଓ ଧର୍ମକୁ ପ୍ରାଥମିକତା ଦେଉଥିବା ନିଷ୍ଠାପର ସେବକ ପ୍ରଦାନ କରନ୍ତୁ । **କିନ୍ତୁ ଏହି କ୍ଷତି ଏପରି, ଯାହାକି ଆମକୁ ଆନ୍ଦୋଳିତ କରିଦେଇଛି** । ସେ ଉତ୍ସର୍ଗର ମର୍ମକୁ ବୁଝୁଥିଲା ଏବଂ ନିଜ ପ୍ରତିଜ୍ଞାକୁ ବାସ୍ତବରେ ସାକାର କରିଥିବା ଅତି ପ୍ରିୟ ବ୍ୟକ୍ତିତ୍ୱ ଥିଲା । ତାକୁ ଦେଖିଲେ ମୋତେ ଆଶ୍ଚର୍ଯ୍ୟ ଲାଗେ ଏବଂ ବର୍ତମାନ ସୁଦ୍ଧା ହେଉଛି ଯେ ଏହି ପୂର୍ଣ୍ଣ ସାଂସାରିକ ପରିବେଶରେ ବଢ଼ିଥିବା ପିଲାଟି କିଭଳି ନିଜ ଉତ୍ସର୍ଗର ମର୍ମକୁ ବୁଝିଲା, ତାହାକୁ ସମ୍ପାଦନ କଲା ଏବଂ ତାହାକୁ ଶିର୍ଷରେ ନେଇ ପହଂଚାଇଦେଲା । ସେ ଗୁରୁଜନମାନଙ୍କ ଜୀବନୀ ପାଠ କରୁଥିଲା, ଏଥିପାଇଁ କି ତାହାକୁ ନିଜ ଅଭ୍ୟାସରେ ସ୍ଥାନ ଦେଇ ପାରିବ । ଖିଲାଫତ୍ ସହିତ ନିଷ୍ଠା ଓ ବିଶ୍ୱସ୍ତତାର ଏଭଳି ଗଭୀର ଧାରଣା ରହିଥିଲା ଯାହାକି ବଡ଼ ବଡ଼ ଧାର୍ମିକ ବିଦ୍ୱାନମାନେ ମଧ୍ୟ ବୁଝି ନଥିବେ । ସେ ଖିଲାଫତ୍ ସହିତ ନିଷ୍ଠା ଓ ବିଶ୍ୱସ୍ତତାର ସମ୍ପର୍କ ସ୍ଥାପନ କରିଥିଲା, ଏବଂ ଏଭଳି ଗଭୀର ବିଶ୍ୱସ୍ତତା ପ୍ରଦର୍ଶନ କଲା ଯେ ନିଜର ଶେଷ ଶବ୍ଦ ଯେତେବେଳେ ତାହାର ପ୍ରାଣବାୟୁ ଉଡ଼ିଯିବା ନିକଟବର୍ତୀ ଥିଲା ସେତେବେଳେ ମଧ୍ୟ ତାକୁ ଉପସ୍ଥିତ ଖଲିଫାଙ୍କ ପ୍ରତି ପ୍ରେମ ଓ ଅନୁରାଗ ମନେ ପଡ଼ିଥିଲା । ଏଭଳି ମୁହୂର୍ତରେ ମଣିଷକୁ ତାହାର ସ୍ତ୍ରୀପିଲାଙ୍କ କଥା ମନେ ପଡ଼ିଥାଏ । କିନ୍ତୁ ପ୍ରତିଥର ଓ ବାରମ୍ବାର ନିଜ ସ୍ତ୍ରୀପିଲା ଓ ପରିବାରଙ୍କୁ ମନେ ପକାଇବା ପୂର୍ବରୁ ସେ ଉପସ୍ଥିତ ଖଲିଫାଙ୍କୁ ଭଲ ପାଉଥିବାର ପରିପ୍ରକାଶ କରିଥିଲା, ଯାହା ପ୍ରତି କି କୋଚିତ କାହାରି ଧ୍ୟାନ କେନ୍ଦ୍ରିତ ହେଉଥିବ । ସମ୍ଭବତଃ ୨/୩ ବର୍ଷ ପୂର୍ବେ ସେ ଖିଲାଫତ୍ ସହିତ ଘନିଷ୍ଠତା ଓ ପ୍ରେମର ପରିପ୍ରକାଶ କରି ଏକ କବିତା ରଚନା କରିଥିଲା । ଯାହାକି ସେ ନିଜର ଜଣେ ବନ୍ଧୁଙ୍କୁ ଦେଇଥିଲା ଏବଂ ତାଙ୍କୁ କହିଥିଲା, ଏହାକୁ ନିଜ ନିକଟରେ ରଖିବ ଓ କାହାରିକୁ ଦେଖାଇବ ନାହିଁ । ଉକ୍ତ କବିତାର ପ୍ରାରମ୍ଭିକ ପଙ୍କ୍ତି ଏପରି ଥିଲା, **ଯେ ମୁଁ ଉପସ୍ଥିତ ଖଲିଫାଙ୍କୁ ସବୁଠାରୁ ଅଧିକ ଭଲପାଏ** ଏବଂ କବିତାକୁ ସମାପ୍ତ ଏପରି କରିଛି, ଯେ ଉପସ୍ଥିତ ଖଲିଫାଙ୍କ ସହିତ ମୋର ଯେଉଁ ପ୍ରେମ ଓ ଅନୁରାଗ ରହିଛି ତାହା ତାଙ୍କୁ କଦାପି ଜ୍ଞାତ ହେବ ନାହିଁ ।

ହଜୁର ଅନଓ୍ୱରଅ.ବ କହିଲେ; ହେ ପ୍ରିୟ ତାଲୌ ! ତୁମର ଏହି ଶେଷ ଶବ୍ଦ ପୂର୍ବରୁ ମଧ୍ୟ ମୋତେ ଜଣା ଥିଲା,

ତୁମର ପ୍ରତ୍ୟେକ ଅମଳ, ପ୍ରତ୍ୟେକ ହରକତ୍ ବସାଉଠା, ତୁମ ନୟନର ଚମକ ଓ ତୁମ ମୁଖମଣ୍ଡଳର ଉଜ୍ଜ୍ୱଳତାରୁ ହିଁ ତାହା ପ୍ରକାଶିତ ହେଉଥିଲା । ମୋତେ ଏଭଳି ପ୍ରେମ ସମ୍ଭବତଃ ଅନ୍ୟ କାହାରି ଠାରେ ଦେଖାଯାଇ ନଥିବ ।

ଯଦି ସେ ନିଜ କାର୍ଯ୍ୟରେ ମନୋନିବେଶ କରୁଥିଲା ତେବେ କେବଳ ଏଥିପାଇଁ ଯେ ଏଥିଯୋଗେ ସେ ଇସଲାମ ଓ ହଜରତ ମୁହମ୍ମଦ ସ.ଅଙ୍କ ଧର୍ମର ପ୍ରତିରକ୍ଷା କରିପାରିବ । ଚତୁର୍ଥ ଖଲିଫାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସମୟରେ ସେ ମୋ ଦକ୍ଷିଣ ପାର୍ଶ୍ୱରେ ଆସି ଛିଡ଼ା ହୋଇଥିଲା । ସେତେବଳେ ମୁଁ ଜାଣି ନଥିଲି ଯେ ଏ କିଏ ଛିଡ଼ା ହୋଇଛି । ସମ୍ଭବତଃ ସେହି ୧୩ ବର୍ଷର ବାଳକ ଏହି ପ୍ରତିଜ୍ଞା କରିଥିଲା, ଯେ ମୁଁ ଉପସ୍ଥିତ ଖଲିଫାଙ୍କର ସାହାଯ୍ୟକାରୀ ହେବି । ସେ ନିଜ ଶିକ୍ଷା ଆହରଣ ଶେଷ କରିବା ପରେ ନିଜର ସେହି ପ୍ରତିଜ୍ଞାକୁ ଯାହାକି ସେ ଦୀର୍ଘ ବର୍ଷ ତଳେ କରିଥିଲା, ପୂରଣ କଲା ଏବଂ ବେଶ ସୁନ୍ଦର ରୂପେ ସମ୍ପାଦନ କଲା । ସେ ଶହିଦ୍ ହୋଇ ପ୍ରମାଣ କରିଦେଲା ଯେ ସେ ଖିଲାଫତ୍‌ର ପ୍ରକୃତ ସାହାଯ୍ୟକାରୀ ।

ହେ ପ୍ରିୟ ତାଲୈ ! **ମୁଁ ସାକ୍ଷ୍ୟ ଦେଉଛି ଯେ ନିଶ୍ଚିତ ରୂପେ ତୁମେ ନିଜର ଉତ୍ସର୍ଗ ଓ ପ୍ରତିଜ୍ଞା ପୂରଣ କରିବାର ସର୍ବୋଚ୍ଚ ସ୍ତର ହାସଲ କରିନେଇଛ** । ସେ ଉପସ୍ଥିତ ଖଲିଫାଙ୍କ ପ୍ରତ୍ୟେକଟି ଶବ୍ଦ ଉପରେ ଅମଳ କରୁଥିଲା ଏବଂ କିଭଳି ଭାବରେ ସେଥିପାଇଁ ପ୍ରୟାସ କରୁଥିଲା ତାହାର ଅନୁମାନ ଏହିଥିରୁ କରାଯାଇ ପାରେ ଯେ ମୁରବୀମାନଙ୍କ କେତେକ ସାକ୍ଷାତ ସମ୍ମିଳନୀରେ ମୁଁ କହିଥିଲି ଯେ ମୁରବୀମାନଙ୍କୁ ପାଖାପାଖି ଏକ ଘଣ୍ଟା ତହଯୁଦ୍ ନମାଜ ପାଠ କରିବା ଉଚିତ୍ । ଅତଏବ ପ୍ରିୟ ତାଲୈ ସେଥିମୁତାବକ ଅମଳ କରିବା ଆରମ୍ଭ କରିଦେଲା ।

ସେ ହଜରତ ମସିହ ମଉଦ ଅ.ସଙ୍କ ବଂଶର ହୋଇଥିବା ଦୃଷ୍ଟି କୋଣରୁ ସମସ୍ତ ପରିବାରବର୍ଗଙ୍କ ପାଇଁ ନିଷ୍ଠା ଓ ବିଶ୍ୱସ୍ତତାର ନମୁନା ପାଲଟି ଜାଇଛି । ସେ ଉତ୍ସର୍ଗୀମାନଙ୍କ ପାଇଁ ଅଭୂତପୂର୍ଣ୍ଣ ଉଦାହରଣ ସୃଷ୍ଟି କରିଛି । ଅର୍ଥଭାବ ଓ ଖୁବ୍ କମ୍ ଦରମା ସତ୍ତ୍ୱେ କଦାପି କୌଣସି ଅଭିଯୋଗ କିମ୍ବା ମନଊଣା କରି ନାହିଁ । ପରମେଶ୍ୱରଙ୍କ ନିକଟରେ ଏହି ଦୁଆ କରୁଥିଲା ହେ ଅଲ୍ଲାଃ ! ମୋତେ କଦାପି ଅଭାବଗ୍ରସ୍ତ କରିବ ନାହିଁ । ହଜୁର ଅନଓ୍ୱର ଅ.ବ କହିଲେ ମୁଁ ତାହାର ବିଶ୍ୱସ୍ତତାକୁ ତ କିଛି ମାତ୍ରାରେ ଜାଣିଥିଲି କିନ୍ତୁ ତାହାର ସୁଜନତା ଓ ଧର୍ମପରାୟଣତା ମଧ୍ୟ ବହୁ ଊର୍ଦ୍ଧ୍ୱ ସ୍ତରର ଥିଲା ।

ଆମିର ସଫିର ସାହେବ କୁହନ୍ତି; ମୁଁ ସ୍ୱଚକ୍ଷୁରେ ଅବଲୋକନ କରିଛି ଯେ ତାଲୈ ଅନେକ ସୁଗୁଣର ଅଧିକାରୀ ଥିଲା । ସେ କୌଣସି Project ଉପରେ ଶୂନ୍ୟରୁ କାର୍ଯ୍ୟ ଆରମ୍ଭ କରି ତାହାକୁ ଗର୍ବ ଓ ପ୍ରଶଂସା ଯୋଗ୍ୟ ସ୍ତରରେ ନେଇ ପହଂଚାଇ ଦେଉଥିଲା । କୁଦ୍ଦୁସ୍ ଆରିଫ୍ ସାହେବ ସଦର ଖୁଦାମୁଲ୍ ଅହେମଦିୟା ଇଂଲଣ୍ଡ କୁହନ୍ତି; ମୋର ତାଙ୍କ ସହିତ ବାଲ୍ୟକାଳରୁ ସମ୍ପର୍କ ରହିଥିଲା । ସେ ହ.ମଲକ ଗୁଲାମ ଫରିଦ୍ ସାହେବଙ୍କ Short Commentary ଓ Five Vol. Commentary ବେଶ୍ ମନଧ୍ୟାନ ପୂର୍ବକ ଅଧ୍ୟୟନ କରିଥିଲେ । ତାଲୈଙ୍କ ପତ୍ନୀ ଶ୍ରୀମତି ସତୁତ୍ ସାହେବା କୁହନ୍ତି ତାଙ୍କର ହଜରତ ମୁହମ୍ମଦ ସ.ଅଙ୍କ ସହିତ ଏଭଳି ଗଭୀର ପ୍ରେମ ରହିଥିଲା ଯେ ହଜୁର ସ.ଅଙ୍କ ଚର୍ଚ୍ଚା ଆରମ୍ଭ ହେବା ମାତ୍ରେ ଛୁଆଙ୍କ ପରି ରୋଦନ କରୁଥିଲେ । ପୁତ୍ର ତଲାଲଙ୍କୁ ହଜୁର ସ.ଅଙ୍କର ଗପ ଶୁଣାଉ ଥିବା ସମୟରେ କୋହ ଭରି କାନ୍ଦୁ ଥିଲେ । ପୁତ୍ରକୁ ଖ୍ରୀଷ୍ଟିୟାନ ସ୍କୁଲରେ ପଢାଉ ଥିବାରୁ ସ୍କୁଲ ଛାଡ଼ିବାକୁ ଯିବା ସମୟରେ ସୁରଃ ଇଖଲାସ୍ ଆବୃତି କରିଚାଲୁଥିଲେ । ଯଦି କେତେବେଳେ ତାଙ୍କ ମନରେ ଖିଆଲ ଆସୁଥିଲା କି ମୋର କୌଣସି କାର୍ଯ୍ୟ ଖଲିଫା ଅପସନ୍ଦ କରିଛନ୍ତି । ସେତେବେଳେ ତହଜୁଦ୍‌ରେ ପ୍ରଭୁଙ୍କ ଶରଣେ ଆତୁରତାର ସହିତ ରୋଦନ କରି କ୍ଷମା ପ୍ରାର୍ଥନା କରୁଥିଲେ । ଅଲ୍ଲାଃତାଲାଙ୍କ ଉପରେ ତାଙ୍କର ଅସାଧାରଣ ଆସ୍ଥା ରହିଥିଲା ଏବଂ ପ୍ରଭୁ ମଧ୍ୟ ତାଙ୍କର ପ୍ରତ୍ୟେକ ଆବଶ୍ୟକତା ପୂରଣ କରିଦେଉଥିଲେ ।

ଶହିଦ୍‌ଙ୍କ ପିତା ଲେଖିଛନ୍ତି ଅଲ୍‌ହମ୍‌ଦୋଲିଲ୍ଲାଃ ! **ଅଲ୍ଲାଃତାଲା ଆମ ପୁତ୍ରକୁ ଶାହାଦତ୍ ପାଇଁ ଚୟନ କରିନେଲେ ।** ତାହାର ଆତ୍ମା ହଜୁର ସ.ଅଙ୍କ ପ୍ରେମରେ ୧୪୦୦ ବର୍ଷ ପୂର୍ବର ମକ୍କା ଓ ମଦିନାର ଗଳିକନ୍ଦିରେ ଘୂରି ବୁଲୁଥିଲା । ତାହାର ଶରୀର ହଜୁର ସ.ଅଙ୍କ ପ୍ରେମରେ ନିମର୍ଜ୍ଜିତ ଥିଲା । ଶହିଦ୍ ତାଲୈଙ୍କ ମାତା କୁହନ୍ତି; ପୁତ୍ରର ଦେହାନ୍ତ ପରେ ମୋର ଏହି

କଥା ବେଶି ମନେପଡୁଛି ଯେ ସେ ଆପଣଙ୍କୁ କେତେ ଭଲ ପାଉଥିଲା । ତାଙ୍କ ବଡ଼ ଭଉଣୀ ଶ୍ରୀମତୀ ନୁଦରତ୍ ସାହେବା କୁହନ୍ତି; ତାଲୈର ଧାର୍ମିକ ଜ୍ଞାନ ବେଶ ଅଧିକ ଥିଲା । ଆହଦିସ୍‌ର ଗଭୀର ଅଧ୍ୟୟନ କରୁଥିଲା । ଆରବୀ ଭାଷା ଓ ତାହାର ବ୍ୟାକରଣକୁ ଆୟତାଧିନ କରିବାକୁ ପ୍ରୟାସ କରୁଥିଲା । ସେ ନିଜର ସକଳ ସାମର୍ଥ୍ୟ ପ୍ରଭୁଙ୍କ ସାନିଧ ଲାଭ କରିବା ଓ ଜମାଅତର ସେବା କରିବାରେ ବିନିଯୋଗ କରି ଦେଇଛି । ସେ ନିଜ ଶହାଦତ୍ ପ୍ରସଙ୍ଗରେ ସ୍ୱପ୍ନ ମଧ ଦେଖିଥିଲା, ଅର୍ଥାତ ସେ ସ୍ୱପ୍ନରେ ଦେଖିଥିଲା ଯେ ସେ ଖୁଦ୍ଦାମୁଲ୍ ଅହେମଦିୟାର ପୋଷାକ ପରିଧାନ କରି ଧ୍ୱଜା ଧରି ବୈକୁଣ୍ଠରେ ପ୍ରବେଶ କରୁଛି ଏବଂ ପ୍ରତ୍ୟେକ ତାଙ୍କୁ ତାଙ୍କର ଶ୍ୱଶୁରଙ୍କ ନାମରେ ସମ୍ବୋଧନ କରୁଛନ୍ତି । ଅର୍ଥାତ କହୁଛନ୍ତି ମିର୍ଜା ଗୁଲାମ କାଦିର ଆସିଗଲେ । ତାଙ୍କ ସାନ ଭଉଣୀ କୁହନ୍ତି; ସେ ଜଣେ ସର୍ବୋତମ ରୋଲ୍ ମଡ଼େଲ୍ ଥିଲେ । କାର୍ଯ୍ୟାଳୟକୁ ଯିବାଆସିବା ସମୟରେ ସର୍ବଦା ଚତୁର୍ଥ ଖଲିଫାଙ୍କ ଦରସୁଲ୍ କୁରଆନ୍ ଶୁଣୁଥିଲେ । ଆବିଦ୍ ଓହିଦ୍ ସାହେବ କୁହନ୍ତି; ଅଧିକାଂଶ ସମୟରେ ପ୍ରମାଣଭିତିକ ଚଳଚିତ୍ର ପ୍ରସ୍ତୁତି ସମୟରେ ମୁଁ ତାଙ୍କୁ ୧୮/୧୯ଘଣ୍ଟା ପର୍ଯ୍ୟନ୍ତ କାମ କରୁଥିବାର ଦେଖିଛି । ମିର୍ଜା ତଲ୍‌ହା ଅହମଦ ସାହେବ କୁହନ୍ତି; ତାଲୈ Script Writting & Story Tellingରେ ପ୍ରବିଣ ଥିଲେ । ନସିମ୍ ବାଜଓ୍ୱା ସାହେବ କୁହନ୍ତି; ଯେ ମୁଁ ମୁବଲିଗ୍ ହେବା କାଳରୁ ତାଙ୍କୁ ପିଲାଟି ଦିନରୁ ଦେଖି ଆସିଛି । ସେ ଜଣେ ସମୟାନୁବର୍ତୀ, ଗମ୍ଭୀର ସ୍ୱଭାବୀ, ବୁଦ୍ଧିମାନ, ଧାର୍ମିକ ଜ୍ଞାନ ଆହରଣ ପ୍ରତି ରୁଚି ରଖୁଥିବା, ଆଜ୍ଞାକାରୀ, ଅତିଥି ସତ୍କାରୀ, ଉପାସନାକାରୀ, ଗୁରୁଜନଙ୍କ ଆଦର ସମ୍ମାନକାରୀ ଓ ଗବେଷଣାକାରୀ ଆଦି ପ୍ରତୀଭା ସମ୍ପନ୍ନ ଯୁବକ ଥିଲେ । ମୁବଲିଗ୍ ସିଲସିଲା ନୌଶେରଓ୍ୱାନ ରଶିଦ୍ ସାହେବ କୁହନ୍ତି; ମୁଁ ତାଲୈ ଭାଇଙ୍କୁ ତିନି ବର୍ଷ ହେଲା ନିୟମିତ ଭାବରେ ଗୁରବାର ଦିନ ରୋଜା ରଖୁଥିବାର ଦେଖିଛି ।

ହଜୁର ଅନଓ୍ୱର[ଅ.ବ] କହିଲେ ଶହିଦ୍ ତାଲୈ ଅହମଦ ହଜୁର[ସ.ଅ] ଓ ହଜରତ ମସିହ ମଉଦ [ଅ.ସ]ଙ୍କ ବଂଶଜ ହେବାର କର୍ତବ୍ୟ ସମ୍ପାଦନ କରିଦେଲା । ସେ ହଜୁର [ସ.ଅ]ଙ୍କ ବଂଶଧର ଥିଲା । ଅଲ୍ଲାଃତାଲା ତାକୁ ମୁହରମ୍‌ର ପବିତ୍ର ମାସରେ ନିଜର ବଳିଦାନ ଦେବାକୁ ଚୟନ କରିନେଲେ । ମୋର ଆଶା ଅଲ୍ଲାଃତାଲା ତାକୁ ହଜୁର [ସ.ଅ]ଙ୍କ ପାଦତଳେ ସ୍ଥାନ ଦେଇଥିବେ । କେହି ଜଣେ ସ୍ୱପ୍ନ ଦେଖିଲେ ଯେ ହଜୁର[ସ.ଅ] ଗୋଟିଏ ସ୍ଥାନରେ ଛିଡ଼ା ହୋଇଛନ୍ତି ଏବଂ ତାଲୈ ଦୌଡ଼ି ଯାଇ ହଜୁର [ସ.ଅ]ଙ୍କୁ ଜାବୁଡ଼ି ଆଲିଙ୍ଗନ କରୁଛି । **ହଜୁର[ସ.ଅ] ମଧ ତାହାକୁ ପାଛୋଟି ନେଇ କହୁଛନ୍ତି, ଆସ ମୋର ପୁତ୍ର ! ତୁମର ସ୍ୱାଗତ ।**

ହଜୁର ଅନଓ୍ୱର[ଅ.ବ] ତାଲୈ ଅହମଦଙ୍କର ଜନାଯାଃ ପଢେଇବାର ଘୋଷଣା କରି ତାଙ୍କ ପାଇଁ ଦୁଆ କଲେ, ଅଲ୍ଲାଃତାଲା ତାଙ୍କ ସ୍ତ୍ରୀପିଲାଙ୍କୁ ନିଜ ସୁରକ୍ଷା ବଳୟ ମଧରେ ରଖନ୍ତୁ । ତାଙ୍କ ପିତାମାତା ଓ ଭାଇଭଉଣୀ ସମସ୍ତଙ୍କୁ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ । ତାଙ୍କ ଭାଇଭଉଣୀ ଓ ସନ୍ତାନ ତାଙ୍କର ପୁଣ୍ୟକର୍ମଗୁଡ଼ିକୁ ଅବ୍ୟାହତ ରଖନ୍ତୁ । ଆମିନ୍ ।

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉୟ୍‌କୁରୁଲ୍ଲାହା ୟୟ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲୟିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

3rd September 2021